# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**19th September – 2025**

**News Editor : Satya Narayan Pattanaik**

*************************************

## ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭାର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ

- ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ଏକକ ବାତାୟନ ମଞ୍ଜୁରୀ କମିଟି ବୈଠକରେ ୪ ହଜାର ୭୩୯ କୋଟି ଟଙ୍କାର ନିବେଶକୁ ମିଳିଲା ମଞ୍ଜୁରୀ

- ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଆସନ୍ତା ରବିବାର ଦିନ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହେବ ବିଶାଳ ଗଣଦୌଡ଼

ଏବଂ

- ପୁରୀ ଶ୍ରୀମନ୍ଦିର ଛତିଶାନିଯୋଗ ବୈଠକ ଆସନ୍ତାକାଲି ହେବ ଅନୁଷ୍ଠିତ

## ବିଧାନସଭା

ସପ୍ତଦଶ ବିଧାନସଭାର ଚତୁର୍ଥ ତଥା ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ ଅପରାହ୍ଣରେ ଗୃହ ମାତ୍ର ୫ ମିନିଟ୍ ପାଇଁ ଚାଲିବା ପରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବାଚସ୍ପତି ସୁରମା ପାଢ଼ୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତାକାଲି ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି।

ପୂର୍ବାହ୍ଣ ଅଧିବେଶନରେ ବିରୋଧି ସଦସ୍ୟମାନେ ସାର କଳାବଜାରୀ, ଏବଂ ଅଭାବ ପ୍ରସଙ୍ଗକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ । ଗୃହକାର୍ଯ୍ୟ ଆରମ୍ଭ ହେବାର ମାତ୍ର ୪ ମିନିଟ୍ ପରେ ଏଭଳି ପରିସ୍ଥିତି ଜାରି ରହିବାରୁ ବାଚସ୍ପତି  ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ ।

## ବିଧାନସଭା-୧

ରାଜ୍ୟର ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନୈତିକ ଓ ବୌଦ୍ଧିକ ବିକାଶ ପାଇଁ ପ୍ରତ୍ୟେକ ଦିନ ବିଦ୍ୟାଳୟ ସଭାରେ ୩ ଥର ଓଁକାର ଧ୍ୱନି, ଭଗବତ୍ ଗୀତାର ଶ୍ଳୋକଗାନ ଏବଂ ନୈତିକ ଗଳ୍ପ ତଥା ଶାନ୍ତି ମନ୍ତ୍ରପାଠ କରାଯିବ ବୋଲି ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଶ୍ରୀ ଗଣ୍ଡ ବିଧାନସଭାରେ ବିଧାୟକ ସୀତାଂଶୁ ମହାପାତ୍ରଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି, ଏ ନେଇ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହି ବ୍ୟବସ୍ଥା ଦ୍ୱାରା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଜୀବନ ଶୃଙ୍ଖଳିତ ଓ ମାର୍ଜିତ ହୋଇପାରିବ।

## ବିଧାନସଭା-ଜନଜାତି ବିଦ୍ୟାଳୟ

ଭୁବନେଶ୍ୱରରେ ଥିବା ଘରୋଇ ଅନୁସୂଚତିତ ଜନଜାତି ବିଦ୍ୟାଳୟକୁ ୨ ବର୍ଷରେ କେନ୍ଦ୍ର ସରକାର ୩୪ କୋଟି ୭୩ ଲକ୍ଷ ଟଙ୍କାର ଅନୁଦାନ ରାଶି ଦେଇଛନ୍ତି ବୋଲି ଆଜି ବିଧାନସଭାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ୧୦ ହଜାର ଛାତ୍ରଛାତ୍ରୀଙ୍କ ପାଇଁ ମାସିକ ରିହାତି ଦରରେ ୧୫ ଶହ କୁଇଣ୍ଟାଲ ଚାଉଳ ମଧ୍ୟ ପ୍ରଦାନ କରାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୨୫ କୋଟି ୪୧ ଲକ୍ଷ ଟଙ୍କା, ୨୦୨୪-୨୫ ମସିହାରେ ୯ କୋଟି ୩୧ ଲକ୍ଷ ଟଙ୍କା କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି। ବର୍ତ୍ତମାନ ୧୪ ହଜାର ୪୮୨ ଜଣ ଛାତ୍ରଛାତ୍ରୀ ଏହି ଘରୋଇ ବିଦ୍ୟାଳୟରେ ପାଠ ପଢୁଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ବାତାୟନ ବୈଠକ

ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ଏକକ ବାତାୟନ ମଞ୍ଜୁରୀ କମିଟିର ୧୪୦ତମ ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୂଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୫ଟି ନୂଆ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ୪ ହଜାର ୭୩୯ କୋଟି ଟଙ୍କା ନିବେଶରେ ରାଜ୍ୟରେ ୨୫ ହଜାର ୨୦୦ ନୂଆ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ପ୍ରସ୍ତାବକୁ ମଧ ମଞ୍ଜୁରୀ ମିଳିଥିବା ଜଣାପଡିଛି। ବୟନଶିଳ୍ପ, ଇସ୍ପାତ, ରସାୟନ, ସୂଚନା ପ୍ରଯୁକ୍ତି, ଭିତ୍ତିଭୂମି, ଅକ୍ଷୟଶକ୍ତି, ଶୀତଳଭଣ୍ଡାର ଏବଂ ପର୍ଯ୍ୟଟନ ଆଦି ୧୩ଟି ପ୍ରମୁଖ କ୍ଷେତ୍ର ପାଇଁ ବୈଠକରେ ମଞ୍ଜୁରୀ ମିଳିଥିବା ସୂଚନା ମିଳିଛି।

## ଗଣଦୌଡ଼

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଅବସରରେ ଆସନ୍ତା ରବିବାର ସକାଳ ୭ଟା ସମୟରେ ଦେଶର ୭୫ଟି ସହରରେ ୧୦ ଲକ୍ଷ ଯୁବକଙ୍କୁ

ନେଇ ନିଶାମୁକ୍ତ ଭାରତର ବାର୍ତ୍ତା ନେଇ ଗଣଦୌଡର ଆୟୋଜନ କରାଯିବ। ଏହି କ୍ରମରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରୁ ଜନତା ମୈଦାନ ପର୍ଯ୍ୟନ୍ତ ଏକ ବିଶାଳ ଗଣଦୌଡ଼କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିବେ। ଗଣଦୌଡ଼ର ଜର୍ସି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଉନ୍ମୋଚନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ମହତ ବାର୍ତ୍ତା ନେଇ ଆୟୋଜନ ହେଉଥିବା ଗଣଦୌଡ଼ରେ ବିପୁଳ ସଂଖ୍ୟକ ଯୁବଗୋଷ୍ଠି ଏବଂ ଛାତ୍ରଛାତ୍ରୀ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

## କୃଷି ଯନ୍ତ୍ରପାତି ମେଳା

ରାଜ୍ୟରେ କୃଷି ପଦ୍ଧତିକୁ ଉନ୍ନତ କରିବା, ଉତ୍ପାଦକତା ବୃଦ୍ଧି ଏବଂ ଚାଷୀଙ୍କୁ ସଶକ୍ତ କରିବା ପାଇଁ ସରକାର କୃଷି ଯାନ୍ତ୍ରିକୀକରଣକୁ ପ୍ରାଥମିକତା ଦେଉଛନ୍ତି ବୋଲି କୃଷି ଓ କୃଷକ ସଶକ୍ତୀକରଣ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି। ଭୁବନେଶ୍ୱରଠାରେ ଆୟୋଜିତ ବିଭାଗୀୟ ବୈଠକରେ ଯୋଗଦେଇ ଚଳିତବର୍ଷ ନଭେମ୍ବର ମାସରୁ ଆସନ୍ତାବର୍ଷ ଜାନୁୟାରୀ ମାସ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କୃଷି ଯାନ୍ତ୍ରିକୀକରଣ ମେଳାର ଆୟୋଜନ କରାଯିବ ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି। ସୋନପୁର, ମୟୂରଭଞ୍ଜ, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ୪ଟି ଆଂଚଳିକ ମେଳାର ଆୟୋଜନ କରାଯିବ। ଅନ୍ୟାନ୍ୟ ୨୬ଟି ସ୍ଥାନରେ ଜିଲ୍ଲାସ୍ତରୀୟ ମେଳା ଏବଂ ୨୮ଟି ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ ହେବ ବୋଲି ବୈଠକରୁ ଜଣାପଡିଛି। କାର୍ଯ୍ୟକ୍ରମ ମାଧମରେ ଚାଷୀମାନଙ୍କୁ

ସିଧାସଳଖ ନିର୍ମାତା, ଡିଲର, ସ୍ୱୟଂସହାୟକ ଗୋଷ୍ଠି, ଆର୍ଥିକ ପ୍ରତିଷ୍ଠାନ ଏବଂ ସରକାରୀ ସଂସ୍ଥା ସହିତ ସଂଯୋଗ କରାଯିବ।

ଚଳିତ ଆର୍ଥିକବର୍ଷ ପାଇଁ ଚାଷୀମାନଙ୍କୁ ୧୨ ଶହ କୋଟି ଟଙ୍କାର କୃଷି ଯନ୍ତ୍ରପାତି ବଣ୍ଟନ ପାଇଁ ୫୪୦ କୋଟି ଟଙ୍କାର ସବ୍‌ସିଡି ବଜେଟ୍ ସ୍ଥିର କରାଯାଇଛି ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି।

## ଜନଅଭିଯୋଗ ଶୁଣାଣୀ

ମୁଖ୍ୟମନ୍ତ୍ରୀଙ୍କର ଜନଅଭିଯୋଗ ଶୁଣାଣୀ ଆସନ୍ତା ସେପ୍ଟେମ୍ବର ୨୨ ତାରିଖ ସୋମବାର ଦିନ ବନ୍ଦ ରହିବ। ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନ ବଳବତ୍ତର ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରବର୍ତ୍ତୀ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ।

# ଜିଏସ୍‌ଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ସ୍ୱାଧୀନତା ଦିବସ ପାଳନ ଅବସରରେ ଲାଲକିଲ୍ଲା ପ୍ରାଚୀରରୁ ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ନେଇ ଘୋଷଣା କରିଥିଲେ। ଜିଏସଟି ପରିଷଦ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଆଧାରିତ ଜିଏସଟି ସଂସ୍କାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାରରେ କୃଷି ଉପକରଣ ଏବଂ ଅଟୋମୋବାଇଲ୍ କ୍ଷେତ୍ରରେ ବିଭିନ୍ନ ଯନ୍ତ୍ରାଂଶ ଉପରେ ଜିଏସ୍‌ଟି ଦରକୁ ହ୍ରାସ କରାଯାଇଛି। ଏହି ପଦକ୍ଷେପ ଅଟୋମୋବାଇଲ୍ କ୍ଷେତ୍ରରେ ସମୃଦ୍ଧି

ଆଣିବା ସହ ଏହା ସହ ସମ୍ପୃକ୍ତ ବିଭିନ୍ନ କ୍ଷେତ୍ର ଯଥା- ଟାୟାର, ବ୍ୟାଟେରୀ, ଗ୍ଲାସ୍, ଷ୍ଟିଲ୍, ପ୍ଲାଷ୍ଟିକ୍ ଏବଂ ଇଲେକ୍ଟ୍ରୋନିକ୍ସ ଶିଳ୍ପରେ ଉନ୍ନତି ଆଣିବ। ଦର ହ୍ରାସ, ପୁରୁଣା ଗାଡ଼ିର ପରିବର୍ତ୍ତନକୁ ସହଜ କରିବା ସହ ଏକ ସବୁଜ ଏବଂ ସୁସ୍ଥ ପରିବେଶକୁ ପ୍ରୋତ୍ସାହିତ କରିବ। ପରିବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଆସନ୍ତା ୨୨ ତାରିଖରୁ କାର୍ଯ୍ୟକାରୀ ହେବ ।

## ସେବା ପର୍ବ – ବେଟୀ ବଚାଓ

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ କେନ୍ଦ୍ର ସରକାରଙ୍କ ବେଟୀ ବଚାଓ ବେଟୀ ପଢ଼ାଓ ଅଭିଯାନ ମାଧ୍ୟମରେ ପ୍ରତ୍ୟେକ କନ୍ୟାସନ୍ତାନଙ୍କ ପାଇଁ ଗ୍ରହଣ କରିଥିବା ଯୁଗାନ୍ତକାରୀ ପଦକ୍ଷେପ ସମ୍ପର୍କରେ ଆସନ୍ତୁ ଶୁଣିବା ଏକ ରିପୋର୍ଟ...........

ହରିୟାଣାର ପାନିପଥ ଭୂମି ଐତିହାସିକ ଭାବରେ ପ୍ରସିଦ୍ଧି ଲାଭ କରିଛି। ଏହି ଭୂମିରେ ୩ଟି ଯୁଦ୍ଧ ଲଢ଼ା ଯାଇଥିଲା ଯାହା, ଇତିହାସ ଉପରେ ବିଶେଷ ପ୍ରଭାବ ପକାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୨୦୧୫ ମସିହା ଜାନୁୟାରୀ; ୨୨ ତାରିଖରେ ଏହି ପାନିପଥ ଭୂମିରୁ ପୁଣି ଥରେ

ଇତିହାସ ସୃଷ୍ଟି ହୋଇଥିଲା। ଏହି ଦିନ ପ୍ରଧାନମନ୍ତ୍ରୀ ଝିଅମାନଙ୍କ ମର୍ଯ୍ୟାଦା, ସୁରକ୍ଷା ଓ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ନୂତନ ଯୋଜନା 'ବେଟୀ ବଚାଓ-ବେଟୀ ପଢାଓ' ଆରମ୍ଭ କରିଥିଲେ। ଯୋଜନା ସମ୍ପର୍କରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, କନ୍ୟାସନ୍ତାନଙ୍କୁ ସମ୍ମାନ ଦେବା ଏବଂ ସେମାନଙ୍କୁ ଶିକ୍ଷାର ସୁଯୋଗ ପ୍ରଦାନ କରିବାରେ ଏହା ଏକ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ।

**- V/O -(PM)**

କନ୍ୟା ଭ୍ରୂଣ ହତ୍ୟା ରୋକିବାରେ ଏହି ଯୋଜନା ଆଶାତୀତ ସଫଳତା ହାସଲ କରିବା ସହିତ ଲିଙ୍ଗ ଅନୁପାତର ତାରତମ୍ୟକୁ ହ୍ରାସ କରିଛି। 'ବେଟୀ ବଚାଓ-ବେଟୀ ପଢାଓ' ଯୋଜନା ମାଧ୍ୟମରେ ଝିଅମାନଙ୍କୁ ଶିକ୍ଷା, କ୍ରୀଡା ଓ ଦକ୍ଷତାବିକାଶର ତାଲିମ୍ ପ୍ରଦାନ କରାଯାଉଛି। ଦେଶର ବିକାଶରେ ମହିଳାଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। 'ବେଟୀ ବଚାଓ-ବେଟୀ ପଢାଓ' ଯୋଜନା ଏହାକୁ ବାସ୍ତବତାର ରୂପ ଦେଇଛି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣୀଆଁ

**Seba Parba Closing**

## ରକ୍ତଦାନ ଶିବିର

**ନବରଙ୍ଗପୁର** ଜିଲ୍ଲା ନନ୍ଦାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସଠାରୁ ଆରମ୍ଭ

ହୋଇଥିବା ସେବା ପକ୍ଷ ଅବସରରେ ଜିଲ୍ଲାର ସମସ୍ତ ୧୦ଟି ବ୍ଲକ୍‌ରେ ରକ୍ତଦାନ ଅଭିଯାନ ଅନୁଷ୍ଠିତ ହେଉଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ଏକ ପେଡ୍ ମା' କେ ନାମ

**ନୟାଗଡ଼** ଜିଲ୍ଲା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଏବଂ କ୍ରୀଡା ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ 'ଏକ ପେଡ୍ ମା' କେ ନାମ୍-୨.୦' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ଚାରାରୋପଣ କରିବା ସହ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିଦର୍ଶନ କରି କାର୍ଯ୍ୟାନ୍ୱୟନର ସମୀକ୍ଷା କରିଛନ୍ତି।

## ପ୍ରତିଷ୍ଠା ଦିବସ

**ନୂଆପଡ଼ା** ଜିଲ୍ଲା ଖଡିଆଳ କେନ୍ଦ୍ରୀୟ ବିଦ୍ୟାଳୟର ୧୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତହସିଲଦାର ନରସିଂହ ଗଡ଼ବା ଯୋଗଦେଇ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ସହ ଉନ୍ନତ ପ୍ରଣାଳୀରେ ବିଦ୍ୟାର୍ଥୀଙ୍କ ସହଜ ଅଧ୍ୟୟନ ଉପରେ ଆଲୋଚନା କରିଥିଲେ।

## ସମୀକ୍ଷା ବୈଠକ

**ନୟାଗଡ଼** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଦଶପଲ୍ଲା ନିର୍ବାଚନମଣ୍ଡଳୀର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।

## ଜନଶୁଣାଣୀ ଶିବିର

**ବୌଦ୍ଧ** ଜିଲ୍ଲା ଗୁନ୍ଦୁଲିଆଠାରେ ପରିବେଶ ବିଭାଗ ପକ୍ଷରୁ ଏକ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଯୋଗଦେଇ ଏକ ଘରୋଇ କମ୍ପାନୀ ପଥର ଉତ୍ତୋଳନ କରିବା ଦ୍ୱାରା ସ୍ଥାନୀୟ ଅଂଚଳରେ ପରିବେଶଗତ ପ୍ରଭାବର ମୂଲ୍ୟାଙ୍କନ କରିଛନ୍ତି ।

## ପୋକ୍‌ସୋ ଆଇନ୍

**ବୌଦ୍ଧ** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସରସରା ବାବା ବୈଦ୍ୟନାଥ ସରକାରୀ ଉଚ୍ଚବିଦ୍ୟାଳୟଠାରେ ପୋକ୍‌ସୋ ଆଇନ୍ ସଂକ୍ରାନ୍ତୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶିଶୁ ଏବଂ ମହିଳାମାନଙ୍କ ସୁରକ୍ଷା ସଂକ୍ରାନ୍ତୀୟ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା ।

## ବିଧାନସଭା-୧

ରାଜ୍ୟର ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନୈତିକ ଓ ବୌଦ୍ଧିକ ବିକାଶ ପାଇଁ ପ୍ରତ୍ୟେକ ଦିନ ବିଦ୍ୟାଳୟ ସଭାରେ ୩ ଥର ଓଁକାର ଧ୍ୱନି, ଭଗବତ୍ ଗୀତାର ଶ୍ଳୋକଗାନ ଏବଂ ନୈତିକ ଗଳ୍ପ ତଥା ଶାନ୍ତି ମନ୍ତ୍ରପାଠ କରାଯିବ ବୋଲି ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ଶ୍ରୀ ଗଣ୍ଡ ବିଧାନସଭାରେ ବିଧାୟକ ସୀତାଂଶୁ ମହାପାତ୍ରଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି, ଏ ନେଇ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି । ଏହି ବ୍ୟବସ୍ଥା ଦ୍ୱାରା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଜୀବନ ଶୃଙ୍ଖଳିତ ଓ ମାର୍ଜିତ ହୋଇପାରିବ ।

## ଚଲୋ ଜିତେଁ ହେଁ

ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର 'ଚଲୋ ଜିତେଁ ହେଁ' ପୁନର୍ବାର ମୁକ୍ତିଲାଭ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୈଶବ ଆଧାରିତ ଏହି ଚଳଚ୍ଚିତ୍ରରେ ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ପ୍ରଦର୍ଶିତ କରାଯାଇଛି । 'ବସ୍ ଓ୍ୱହି ଜିତ୍ ହେ ଜୋ ଦୁସ୍‌ରୋଁ କେ ଲିୟେ ଜିତେଁ ହେଁ ।' ଅର୍ଥାତ୍ ସେମାନେ ପ୍ରକୃତରେ ସଫଳ ଯେଉଁମାନେ ଅନ୍ୟମାନଙ୍କ ପାଇଁ ବଞ୍ଚିଥାନ୍ତି । ଚଳଚ୍ଚିତ୍ରରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଅବଦାନ ପ୍ରତି ସେବାର ମୂଲ୍ୟବୋଧ ଏବଂ ସମ୍ମାନ ଜାଗ୍ରତ କରିବା ଲକ୍ଷ୍ୟ ନେଇ ଛାତ୍ରଛାତ୍ରୀଙ୍କୁ ମିଳିତ ଭାବେ ସ୍କ୍ରିନିଂ ଉପରେ ଗୁରୁତ୍ୱ ଦିଆଯାଇଛି । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଏହି ଚଳଚ୍ଚିତ୍ରକୁ କଟକ, ଭୁବନେଶ୍ୱର ଓ ରାଉରକେଲାର ବିଭିନ୍ନ ସିନେମା ହଲ୍‌ରେ ପ୍ରଦର୍ଶନ ପାଇଁ ନିର୍ଦ୍ଦେଶ ଦେଇଛି । ନିସ୍ୱାର୍ଥପରତା, ସହାନୁଭୂତି ଏବଂ ରାଷ୍ଟ୍ର ପ୍ରତି କର୍ତ୍ତବ୍ୟର କାଳଜୟୀ ମୂଲ୍ୟବୋଧକୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ଆଗାମୀ ପିଢ଼ିଙ୍କ ମଧ୍ୟରେ ସୁଦୃଢ଼ କରିହେବ ବୋଲି ବିଶ୍ୱାସ କରାଯାଉଛି । ଚଳଚ୍ଚିତ୍ର ଦେଖିବା ପରେ ଜଣେ ଦର୍ଶକ ପ୍ରତିକ୍ରିୟାରେ ଆକାଶବାଣୀକୁ କହନ୍ତି...

**- V/O -**